## ଏକବିଂଶ ଶତାବ୍ଦୀରେ ଗଣ ଯୋଗାଯୋଗ-ଆହ୍ୱାନ ଏବଂ ସୁଯୋଗ ଶୀର୍ଷକ ଆଲୋଚନାଚକ୍ର

# ସାମ୍ବାଦିକତା ସମାଜ ପାଇଁ ଏକ ସେବା: 'ସମାଜ' ସମ୍ପାଦକ






କୋରାପୁଟ,୪।୫(ବ୍ୟୁରୋ)- ସାଧାରଣ ଲୋକଙ୍କ ଭାଷାରେ ସାମ୍ବାଦିକତା ହେଉଛି ସମାଜ ପାଇଁ ଏକ ସେବା । ଏହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଏହାର ମୂଲ୍ୟବୋଧ ରକ୍ଷା ହୋଇଥାଏ । ଏହା ବ୍ୟତୀତ ଆଜିର ଯୁଗରେ ସାମ୍ବାଦିକତାର ବ୍ୟବସାୟୀକରଣ ପ୍ରମୁଖ ସମସ୍ୟା ହୋଇ ଉଭା ହୋଇଛି । ଏପରିସ୍ଥଳେ, ସାମ୍ବାଦିକତା କ୍ଷେତ୍ରରେ ବ୍ୟାପକ କର୍ମ ନିଯୁକ୍ତି ରହିଥିବା ବେଳେ ସମସ୍ୟା ହିଁ ଆମପାଇଁ ଆହ୍ୱାନ ଓ ସୁଯୋଗ ଆଣି ପାରିଛି ବୋଲି 'ସମାଜ' ସମ୍ପାଦକ ବାମାପଦ ତ୍ରିପାଠୀ କହିଛନ୍ତି । କୋରାପୁଟ ଜିଲା ସୁନାବେଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'ଏକବିଂଶ ଶତାବ୍ଦୀରେ ଗଣ ଯୋଗାଯୋଗ ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ କାର୍ଯ୍ୟକ୍ରମରେ ଶ୍ରୀ ତ୍ରିପାଠୀ ଉପରୋକ୍ତ ମତ ରଖିଛନ୍ତି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଭୁଲ ଖବର ଓ ସାମ୍ବାଦିକତାର ବିଶ୍ୱାସନୀୟତା ଉପରେ ପ୍ରଫେସର ମହାନ୍ତି ଆଲୋକପାତ କରିଥିଲେ । ବର୍ତ୍ତମାନ ସମୟରେ ବହୁ ଭାଷା ଉପରେ ଦକ୍ଷତା ହାସଲ କରିବାକୁ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପିଲାମାନଙ୍କୁ ବିଭିନ୍ନ ପାଠ୍ୟକ୍ରମର ଶିକ୍ଷା ଦେବା ସହ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ନିମନ୍ତେ ପ୍ରସ୍ତୁତି କରିବା ବିଶ୍ୱବିଦ୍ୟାଳୟର ଏକ ବିଶେଷ ଲକ୍ଷ୍ୟ ବୋଲି ପ୍ରଫେସର ମହାନ୍ତି ସୂଚନା ଦେଇଥିଲେ । 'ସମାଜ' ଅନ୍‌ଲାଇନ ୱେବ ପୋର୍ଟାଲ ମୁଖ୍ୟ ମହେଶ ଶର୍ମା ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ ଯୁବ ସାମ୍ବାଦିକଙ୍କ ପାଇଁ ବ୍ୟାପକ ସୁଯୋଗ ରହିଥିବା ଏବଂ ପ୍ରତ୍ୟେକ କାର୍ଯ୍ୟରୁ କିଛି ଶିକ୍ଷା ଲାଭ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । 'ସମାଜ' ବ୍ୟୁରୋ ମୁଖ୍ୟ ସମରେନ୍ଦୁ ଦାସ, କୋରାପୁଟ ସଂସ୍କରଣର ଉପ ଶାଖା ପରିଚାଳକ ରାକେଶକୁମାର ପାତ୍ରି ଅନ୍ୟତମ ଅତିଥିଭାବେ ମଞ୍ଚାସୀନ ଥିଲେ । ବିଶ୍ୱବିଦ୍ୟାଳୟର ସୁଶ୍ରୀ ମେର୍ସୀ ମୌସମୀ ଟାକ୍ରି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ଡ.ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଗବେଷକ, ଗବେଷିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗ ଗବେଷିକା ସୁଶ୍ରୀ ଦୀପିକା ଟାକ୍ରିଙ୍କ ଅକାଳ ବିୟୋଗ ନେଇ ୧ମିନିଟ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।